NATIONAL NEWS BULLETIN (ODIA)
24 March - 2025
Evening Bulletin : 7.15 P.M.

****

ମୁଖ୍ୟ ସମ୍ବାଦ

- ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣ ସହିତ ସେମାନଙ୍କ ସଂସ୍କୃତିର ସଂରକ୍ଷଣ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର, କହିଲେ ରାଷ୍ଟ୍ରପତି ।
- ଚାଷୀଙ୍କ କଲ୍ୟାଣ ଲାଗି ସରକାର ପିଆଜ ଉପରୁ ସମ୍ପୂର୍ଣ୍ଣ ଛାଡ଼ କଲେ ୨୦ ପ୍ରତିଶତ ରପ୍ତାନୀ ଶୁଳ୍କ ।
- ଚଳିତ ବର୍ଷ ଶେଷ ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ସରକାର ।
- ସାଂସଦମାନଙ୍କ ଦରମା, ଦୈନିକ ଭତ୍ତା ଏବଂ ପେନ୍‌ସନ୍‌ ପରିମାଣ ହେଲା ବୃଦ୍ଧି, ୨୦୨୩ ଏପ୍ରିଲ୍‌ ୧ରୁ ପିଛିଲା ଭାବେ ହେବ ଲାଗୁ ।

ଏବଂ

- ଆଇପିଏଲ୍‌ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌ ମଧ୍ୟରେ ହେବ ମୁକାବିଲା ।

ରାଷ୍ଟ୍ରପତି - ନୟାଗଡ଼

ପ୍ରକୃତି ଅନୁକୂଳ ଜୀବନଶୈଳୀ ଭାରତୀୟ ସଂସ୍କୃତିରେ ଏକ ବୈଶିଷ୍ଟ୍ୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୟାଗଡ଼ ଜିଲ୍ଲା କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ଶବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଆଦିବାସୀ ସମ୍ପ୍ରଦାୟ' ଜଙ୍ଗଲ ଏବଂ ଗଛକୁ ଦେବତା ଭାବରେ ପୂଜା କରନ୍ତି । ସେମାନଙ୍କ କଳା ଓ ସଂସ୍କୃତିର ସଂରକ୍ଷଣ, ପ୍ରସାର ଏବଂ ଆଦିବାସୀଙ୍କ ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳତା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ତେବେ ଏ ଦିଗରେ ଜନ ସଚେତନତା ବୃଦ୍ଧି ପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । କାଳିଆପଲ୍ଲୀରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

V/O

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶା ଗସ୍ତରେ ଆସି ଅପରାହ୍ଣରେ ନୟାଗଡ଼ ଯାଇ ପ୍ରଥମେ କଣ୍ଟିଲୋଠାରେ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିଥିଲେ । କଣ୍ଟିଲୋ ବଜାର ଅଞ୍ଚଳ ଦେଇ ପଶ୍ଚିମ ଦ୍ୱାରଠାରୁ ନବନିର୍ମିତ ଲିଫ୍ଟ ଏବଂ ସ୍କାଏ-ବ୍ରିଜ୍‌ରେ ରାଷ୍ଟ୍ରପତି ମନ୍ଦିରକୁ ପ୍ରବେଶ କରିଥିଲେ । ଗର୍ଭଗୃହରେ ରାଷ୍ଟ୍ରପତି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।

ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ ।

ଚୌହାନ-ଓନିଅନ୍ ଏକ୍ସପୋର୍ଟ୍

କେନ୍ଦ୍ର ସରକାର ପିଆଜ ଉପରୁ ୨୦ ପ୍ରତିଶତ ରପ୍ତାନୀ ଶୁଳ୍କ ସମ୍ପୂର୍ଣ୍ଣ ରୂପେ ଛାଡ଼ କରିଛନ୍ତି ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ଚାଷୀମାନଙ୍କର କଷ୍ଟ ଅର୍ଜିତ ଉତ୍ପାଦ ଗୁଡ଼ିକ ଯେଭଳି ବିଶ୍ୱସ୍ତରୀୟ ବଜାରରେ ଶୁଳ୍କମୁକ୍ତ ଭାବେ ଉପଲବ୍ଧ ହେବ ଏବଂ ସେଥିରୁ ଚାଷୀମାନେ ଯେଭଳି ଲାଭବାନ ହୋଇପାରିବେ ତାହାକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି । କେନ୍ଦ୍ରରରେ ଥିବା ନେରନ୍ଦ୍ର ମୋଦୀ ସରକାର ଏକ ଚାଷୀ ଅନୁକୂଳ ସରକାର ହୋଇଥିବା ଦୃଷ୍ଟିରୁ କୃଷକମାନଙ୍କୁ କିଭଳି ପ୍ରତ୍ୟେକ କ୍ଷେତ୍ରରେ ଉଚିତ୍ ମୂଲ୍ୟ ଉପଲବ୍ଧ ହୋଇପାରିବ ତାହା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ।

V/O

ପିଆଜର ଉପଲବ୍ଧତାକୁ ଦେଶରେ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗତବର୍ଷ ସେପ୍ଟେମ୍ବର ୧୩ ତାରିଖ ଠାରୁ ୨୦ ପ୍ରତିଶତ ରପ୍ତାନୀ ଶୁଳ୍କ ଲଗାଯାଇଥିଲା । କୃଷି ଓ କୃଷକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚଳିତ ରବି ଋତୁରେ ଦେଶରେ ୨୨୭ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି । ଯାହାକି ଗତବର୍ଷ ଅପେକ୍ଷା ୧୮ ପ୍ରତିଶତ ଅଧିକ ବୋଲି ମନ୍ତ୍ରଣାଳୟ କହିଛି ।

ଯକ୍ଷ୍ମା ଦିବସ

ବିଶ୍ୱ ଯକ୍ଷ୍ମା ଦିବସ ଆଜି ପାଳନ କରାଯାଉଛି । ଏହି ରୋଗର କାରଣ, ନିରାକରଣ ତଥା ମୂଲୋତ୍ପାଟନ କରିବା ଏବଂ ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଡୁଥିବା ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ୧୮୮୨ ମସିହାରେ ଡକ୍ଟର ରବର୍ଟ୍ କୋଚ୍‌ଙ୍କ ଯକ୍ଷ୍ମା ଜୀବାଣୁ ଆବିଷ୍କାରର ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି – “ପ୍ରତିଶ୍ରୁତି, ପଦକ୍ଷେପ ଏବଂ କାର୍ଯ୍ୟକାରିତା ମାଧ୍ୟମରେ, ହଁ – ଆମେ ଯକ୍ଷ୍ମାର ଅନ୍ତ କରିପାରିବା” ।

ଜିତେନ୍ଦ୍ର ଟିବି ଡେ

ଚଳିତ ବର୍ଷ ଶେଷ ସୁଦ୍ଧା ଦେଶକୁ ଯକ୍ଷ୍ମା ମୁକ୍ତ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ମାଇକୋ-ବ୍ୟାକ୍ଟେରିୟମ୍ ଟ୍ୟୁବର୍-କ୍ୟୁଲୋସିସ୍‌ର ୧୦ ହଜାର ଆଇସୋଲେଟ୍‌ର ଜେନମ୍ ସିକ୍ୱେନ୍‌ସିଂ ଇତିମଧ୍ୟରେ ଶେଷ ହୋଇଛି । ଜେନୋମିକ୍ସ ଏବଂ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ଦେଶବ୍ୟାପି

ଯକ୍ଷ୍ମା ପ୍ରତିରୋଧକ ଔଷଧକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

V/O

ଗଭ୍-ଏମ୍ପି ସାଲାରୀ

କେନ୍ଦ୍ର ସରକାର ସାଂସଦମାନଙ୍କର ଦରମା, ଦୈନିକ ଭତ୍ତା ଏବଂ ପେନ୍‌ସନ୍ ପରିମାଣ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତହାର ଅନୁଯାୟୀ ଏଣିକି ସାଂସଦମାନେ ମାସିକ ଦରମା ୧ ଲକ୍ଷ ଟଙ୍କା ପରିବର୍ତ୍ତେ ୧ଲକ୍ଷ ୨୪ ହଜାର ଟଙ୍କା ପାଇବେ । ସେହିଭଳି ଦୈନିକ ଭତ୍ତାକୁ ୨ହଜାର ଟଙ୍କାରୁ ଅଢ଼େଇ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ଅନ୍ୟ ପକ୍ଷରେ ସାଂସଦ ଏବଂ ପୂର୍ବତନ ସାଂସଦମାନଙ୍କର ପେନ୍‌ସନ୍ ପରିମାଣ ପୂର୍ବରୁ ୨୫ ହଜାର ଟଙ୍କା ଥିବା ବେଳେ ଏହାକୁ ୩୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତହାର ୨୦୨୩ ମସିହା ଏପ୍ରିଲ୍ ୧ ତାରିଖରୁ ପିଛିଲା ଭାବେ ଲାଗୁ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ।

ଏଲ୍‌ଏସ୍‌-ଫାଇନାନ୍ସ ବିଲ୍‌

ଲୋକସଭାରେ ଅର୍ଥବିଲ୍‌ ୨୦୨୫ ଆଗତ କରାଯାଇଛି । କଂଗ୍ରେସର ଶଶି ଥରୁର୍‌ ଏହି ବିଲ୍‌ ଉପରେ ଆଲୋଚନା ଆରମ୍ଭ କରି କହିଛନ୍ତି, ଦେଶରେ ଜି.ଏସ୍‌.ଟି. ଢାଞ୍ଚା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି । ଦେଶରେ ଥିବା ଛୋଟ ମିଠା ଦୋକାନୀ ଗୁଡ଼ିକ ୧୮ ପ୍ରତିଶତ ଜି.ଏସ୍‌.ଟି. ପ୍ରଦାନ କରୁଥିବା ସମୟରେ ଏଚ୍‌.ଏସ୍‌.ଏନ୍‌. କୋଡ୍‌ ନଥିବାରୁ ସେମାନେ ଇନ୍‌ପୁଟ୍‌ କ୍ରେଡିଟ୍‌ ପାଇବାରେ ସମର୍ଥ ହେଉନାହାନ୍ତି । ତେଣୁ ସରକାରଙ୍କୁ ଟିକସ ପ୍ରଦାନ କରୁଥିବା ସାଧାରଣ ଜନତାଙ୍କ ଲାଗି କୋହଳ ମନୋଭାବ ପୋଷଣ କରିବା ଉପରେ ଶ୍ରୀ ଥରୁର୍‌ ଗୁରୁତ୍ୱାରୋପ କରିଛନ୍ତି ।

ଏହି ଆଲୋଚନାରେ ଭାଗ ନେଇ ବିଜେପିର ନିଶିକାନ୍ତ ଦୁବେ କହିଛନ୍ତି, ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ଜଟିଳ ଆର୍ଥିକ ସ୍ଥିତି ଦେଇ ଗତି କରୁଛନ୍ତି । ତେବେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଏହି ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି । ବର୍ତ୍ତମାନ ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି ବୋଲି ଶ୍ରୀ ଦୁବେ କହିଛନ୍ତି ।

V/O

ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାର ନିରାକରଣ ଓ ଚିକିତ୍ସା** ଶୀର୍ଷକ ଆଲୋଚନା ପ୍ରଚାରଣ କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଡକ୍ଟର ଉର୍ବଶି ବି ସିଂହ ଏବଂ ନୂଆଦିଲ୍ଲୀ ସ୍ଥିତ ସବ୍‌ଦରଜଙ୍ଗ ହସ୍ପିଟାଲ୍‌ର ପଲମୋନାରି ମେଡିସିନ୍ ବିଭାଗର ମୁଖ୍ୟ ଡକ୍ଟର ରୋହିତ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

ଦିଲ୍ଲୀ ଆସେମ୍ବ୍ଲି

ଦିଲ୍ଲୀ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଦିଲ୍ଲୀରେ ବର୍ତ୍ତମାନର କ୍ଷମତାସୀନ ବିଜେପି ସରକାର ପୂର୍ବର ଆମ୍ ଆଦମୀ ପାର୍ଟି ସରକାରଙ୍କ କାର୍ଯ୍ୟକାଳ ସମ୍ପର୍କରେ ଏକ ଶ୍ୱେତପତ୍ର

ପ୍ରକାଶ କରିବେ ବୋଲି ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ବିଧାନସଭାରେ ଘୋଷଣା କରିଛନ୍ତି । ଆଜି ଗୃହରେ ଦିଲ୍ଲୀ ପରିବହନ ନିଗମ ଉପରେ ସି.ଏ.ଜି. ରିପୋର୍ଟ ସମ୍ପର୍କରେ ଚାଲିଥିବା ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ପୂର୍ବରୁ ଶ୍ରୀମତୀ ଗୁପ୍ତା ଦିଲ୍ଲୀ ପରିବହନ ନିଗମ ସମ୍ପର୍କିତ ଏହି ତୃତୀୟ ସି.ଏ.ଜି. ରିପୋର୍ଟକୁ ବିଧାନସଭାରେ ଆଗତ କରିଥିଲେ । ବିଭିନ୍ନ ବିଭାଗରେ ଅଡିଟ୍ ଚାଲିଥିବା ଦୃଷ୍ଟିରୁ ଖୁବ୍ ଶୀଘ୍ର ଗୃହରେ ଇକୋନମିକ୍ ସର୍ଭେ ମଧ୍ୟ ଉପସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅଷ୍ଟମ ଦିଲ୍ଲୀ ବିଧାନସଭାର ପ୍ରଥମ ବଜେଟ୍ ଅଧିବେଶନ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ତୃତୀୟ ଦିନରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ। ବିଶାଖାପଟନମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଖେଳାଯିବ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍’ ରାଜସ୍ଥାନ ରୟାଲ୍ସକୁ ୪୪ରନ୍‌ରେ ପରାସ୍ତ କରିଥିବାବେଳେ

ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍’ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୪ ୱିକେଟ୍‌ରେ ବିଜୟୀ ହୋଇଛି ।

ଖେଲୋ ଇଣ୍ଡିଆ

ନୂଆଦିଲ୍ଲୀ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ ଠାରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ପ୍ରତିଯୋଗିତାର ଆଜି ପଞ୍ଚମ ଦିନରେ ବିଭିନ୍ନ ବର୍ଗରେ ଖେଳାଳିମାନେ ଉତ୍କର୍ଷ ପ୍ରତିପାଦିତ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଭାରଉତ୍ତୋଳନର ୫୫ କିଲୋଗ୍ରାମ ବର୍ଗରେ ସୁମନ ଦେବୀ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଯସ୍ମୀନ ମିଚ୍‌ଲିନ୍ ରୌପ୍ୟ ଏବଂ ଭାରତୀ ଅଗ୍ରୱାଲ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିଭଳି ୫୯ କିଲୋଗ୍ରାମ ବର୍ଗରେ ଗୁଲଫାମ୍ ଅହମ୍ମଦ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଭି. ସାରାଭାନାମ ରୌପ୍ୟ ଏବଂ ଗୌରବ ବ୍ରୋଞ୍ଜ ପଦକ ପାଇଛନ୍ତି ।

ଏହାଛଡ଼ା ୬୧ କିଲୋଗ୍ରାମ ବର୍ଗରେ ସୀମାରାଣୀ ସ୍ୱର୍ଣ୍ଣପଦକ, ଜନାବ ଖାତୁନ୍ ରୌପ୍ୟ ଓ ଏମ୍. ନାଥିୟା ବ୍ରୋଞ୍ଜ ପଦକ ପାଇଛନ୍ତି । ୬୫ କିଲୋଗ୍ରାମ ବର୍ଗରେ ଯୁବୀ ମାଥୁ୍ୟ ସ୍ୱର୍ଣ୍ଣ, ଅରବୀନ୍ଦ ମାକବାନା ରୌପ୍ୟ ଓ ଗଦାଧର ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ମିକ୍ସଡ୍ ୨୫ ଏମ୍. ପିସ୍ତଲ୍ ଏସ୍.ଏଚ୍.ୱାନ୍ ବର୍ଗରେ ନିହାଲ ସିଂହ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅହମ୍ମଦ ଭଟ୍ଟ ରୌପ୍ୟ ଏବଂ ସନ୍ଦୀପ

କୁମାରଙ୍କୁ ବ୍ରୋଞ୍ଜ ପଦକ ମିଳିଛି । ସେହିଭଳି ମିକ୍ସଡ୍ ୫୦-ଏମ୍. ରାଇଫଲ୍ ପ୍ରୋନ୍ ଏସ୍.ଏଚ୍.-୨ ବର୍ଗରେ ମୋନା ଅଗ୍ରୱାଲ୍‌ଙ୍କୁ ସ୍ୱର୍ଣ୍ଣ, ଆନନ୍ଦ କ୍ରିଷ୍ଣନ୍‌ଙ୍କୁ ରୌପ୍ୟ ଓ ସଚିନ୍ ସିଦ୍ଧାନାଭାର୍‌ଙ୍କୁ ବ୍ରୋଞ୍ଜ ପଦକ ମିଳିଛି ।